# ତହସିଲଦାରଙ୍କ କାର୍ଯ୍ୟାଳୟ, କୋଇଡା

## Corrigendum( ଶୁଦ୍ଧିପତ୍ର )

ପତ୍ର ସଂଖ୍ୟା 1750 ତା- 19.10.2020

## ଦୀର୍ଘମିଆଦୀ ଲିଜ ନିମନ୍ତେ ନିଲାମ ଇସ୍ତାହାର

ଏତଦ୍ୱାରା ସର୍ବ ସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି ଯେ, ଓଡିଶା ସରକାରଙ୍କ ରାଜସ୍ୱ ବିଭାଗ ଅଧିନସ୍ଥ କୋଇଡା ତହସିଲ ଅର୍ନ୍ତଗତ ନିମ୍ନ ଲିଖିତ ସୈରାତ ଉତ୍ସ (ପଥର ଖଣି) ଗୁଡିକର ଆସନ୍ତା ୫ ବର୍ଷ ନିମନ୍ତେ ଲିଜ ପାଇଁ ନିମ୍ନ ସାରଣୀ ମୁତାବକ ତହସିଲଦାର କୋଇଡାଙ୍କ ଦ୍ୱାରା ନିଲାମ କରାଯିବ । ଇଚ୍ଛୁକ ବ୍ୟକ୍ତି ବିଶେଷ OMMC RULES-2016 ର Form-M ପୂରଣ କରି ଏହାର ତିନି କପି ସହ ନିମ୍ନ ଲିଖିତ ଦଲିଲ ସଂଲଗ୍ନ କରି Sealed Cover ରେ Registered Post/ Speed Post ଜରିଆରେ ତହସିଲଦାର, କୋଇଡାଙ୍କ ଠିକଣାରେ କିମ୍ବା ତହସିଲ କାର୍ଯ୍ୟାଳୟରେ ଥିବା Drop Box ରେ ଆସନ୍ତା ତା - ୧୯.୧୦.୨୦୨୦ ରିଖ ଠାରୁ ତା- ୨୮.୧୦.୨୦୨୦ ରିଖ ସକାଳ ୧୧.୦୦ ଘଟିକା ପର୍ଯ୍ୟନ୍ତ (ଛୁଟିଦିନ ବ୍ୟତୀତ) ଅନ୍ୟାନ୍ୟ ନିଲାମଧାରୀ ମଧ ପକାଇ ପାରିବେ । ଧାର୍ଯ୍ୟ ତାରିଖ ଓ ସମୟ ଅତିବାହିତ ହେଲା ପରେ କୌଣସି ଦରଖାସ୍ତ ଗ୍ରହଣୀୟ ନୁହେଁ । ଲଫାପା ଉପରେ ସୈରାତ କେସ୍ ନମ୍ବର ଲେଖାଥିବା ଆବଶ୍ୟକ । ତା-୨୮.୧୦.୨୦୨୦ ରିଖ ଦିବା ୧୧.୦୦ ଘଟିକା ସମୟରେ ଲିଜ ଦରଖାସ୍ତକାରୀଙ୍କ ଉପସ୍ଥିତିରେ ଦରଖାସ୍ତ ଗୁଡ଼ିକ ତନଖ୍ କରାଯିବ । ଉପରୋକ୍ତ ଦିନ କୌଣସି କାରଣରୁ ନିଲାମ ନ ହୋଇ ପାରିଲେ ପରବର୍ତ୍ତୀ ନିଲାମ ତା- ୦୫.୧୧.୨୦୨୦ ରିଖ (ଦିବା ୧୧.୦୦ ଘଟିକା) ସମୟରେ ଅନୁଷ୍ଠିତ ହେବ । ପୂର୍ବରୁ ଧାର୍ଯ୍ୟ କରାଯାଇଥିବା ତା ୧୯.୧୦.୨୦୨୦ ରିଖ ଦିନ ଜଣେ ମାତ୍ର ନିଲାମଧାରୀ ଅଂଶଗ୍ରହଣ କରିଥିବାରୁ ସରକାରଙ୍କର ରାଜସ୍ୱ ବୃଦ୍ଧି ନିମନ୍ତେ ଓ ଜନସ୍ବାର୍ଥ ପାଇଁ ଏହି corrigendum(ଶୁଦ୍ଧିପତ୍ର ) ଉଦ୍ଦିଷ୍ଟ ଅଟେ ।

## ଆବଶ୍ୟକୀୟ ଦସ୍ତାବିଜ

| | |
|---|---|
| ୧) | ଦରଖାସ୍ତ ପାଉଣୀ ବାବଦକୁ ଟ. ଟ.୧୦୦୦/- (ଏକହଜାର ଟଙ୍କା) ର ଟ୍ରେଜେରି ଚାଲାଣ । ( Head of Account- 0853-Non-ferrous-Mining and Metallurgical Industries-102-Mining Concession fees, Rents and Royalties) |
| ୨) | ସୈରାତ ଉତ୍ସ ବାବଦକୁ କୌଣସି ବକେୟା ଅର୍ଥ ନଥିବା ନେଇ ଏକ ସତ୍ୟପାଠ । |
| ୩) | ଆବେଦନକାରୀ ରୟାଲିଟି (Royalty) ଓ ଅତିରିକ୍ତ ଦେୟ (Additional Charge) ବାବଦକୁ ବାର୍ଷିକ ଶତକଡ଼ା ୫% ହାରରେ ସ୍ଥିରିକୃତ ହୋଇଥିବା ଲଘୁ ଖଣିଜ ଦ୍ରବ୍ୟ ର ପରିମାଣ ଉପରେ ଅମାନତ ରାଶି (Earnest Money) ଓ ଅନ୍ୟାନ୍ୟ ଦେୟ ଡ଼ିମାଣ୍ଡ ଡ୍ରାଫ୍ଟ (Demand Draft) ଆକାରରେ ପଇଠ କରିବେ । |
| ୪) | 18 ମାସ ପର୍ଜ୍ୟନ୍ତ ବୈଧ ଥିବା ରାଜସ୍ୱ ଅଧିକାରୀଙ୍କଠାରୁ ପ୍ରାପ୍ତ Solvency Certificate କିମ୍ବା ୧୮ ମାସ ପର୍ଯ୍ୟନ୍ତ ପ୍ରାପ୍ତଥିବା ବ୍ୟାଙ୍କ ଗ୍ୟାରେଣ୍ଟି (Bank Guarantee) ଯାହାର ମୂଲ୍ୟ ବାର୍ଷିକ ସର୍ବନିମ୍ନ ସ୍ଥିରୀକୃତ ହୋଇଥିବା ଲଘୁ ଖଣିଜ ପଦାର୍ଥ ଅନୁସାରେ ଉପରୋକ୍ତ Royalty ଓ ପ୍ରଦାନ କରୁଥିବା Additional Charge ର ମୂଲ୍ୟଠାରୁ କମ୍ ହୋଇନଥିବ ଏବଂ ଏଥି ସହିତ ରାଜସ୍ୱ ଅଧିକାରୀଙ୍କ ପ୍ରଦତ୍ତ ସ୍ଥାବର ସମ୍ପତ୍ତିର ବିବରଣୀ ପ୍ରଦାନ କରିବେ । ଦାଖଲ କରାଯାଇଥିବା Solvency Certificate ଟିକୁ ଦରଖାସ୍ତକାରୀ ନିକଟ ଅତୀତ ରେ ପାଇ ଥିବା (ଜିତିଥିବା) ଅନ୍ୟ କୌଣସି ସୈରାତ ଉତ୍ସ ଲିଜ ପାଇଁ ବ୍ୟବହାର କରି ନଥିବେ । |
| ୫) | ନିଲାମଧାରୀ (Successful Bidder), Mining Plan and Environmental Clearance ବାବଦକୁ ଦେୟ ପଇଠ କରିବାକୁ ହେବ । ଯଦି ଉକ୍ତ ଇସ୍ତାହାରରେ କୌଣସି ତ୍ରୁଟି ପରିଲକ୍ଷିତ ହୁଏ, ତେବେ ତାହାର ସଂଶୋଧନ କରିବା କ୍ଷମତା ପ୍ରାପ୍ତ ଅଧିକାରୀଙ୍କର ରହିଛି । |
| ୬) | ସୈରାତ ଉତ୍ସ ଓ ନିଲାମ ସମ୍ବନ୍ଧୀୟ ସମସ୍ତ ସର୍ତ୍ତାବଳୀ ତହସିଲ କାର୍ଯ୍ୟାଳୟରେ (ଛୁଟିଦିନ ବ୍ୟତୀତ) ସମସ୍ତ କାର୍ଯ୍ୟ ଦିବସରେ ମିଳିପାରିବ ଓ ଏହି ସମ୍ବନ୍ଧୀୟ ସଂପୂର୍ଣ୍ଣ ବିବରଣୀ www.sundargarh.nic.in ରେ ଉପଲବ୍ଧ ହେବ । |

| | |
|---|---|
| | |

## ସର୍ତ୍ତାବଳୀ

| | |
|---|---|
| ୧) | ଆବେଦନ କାରୀ ମାନେ ଓଡିଶା ଲଘୁ ଖଣିଜ ଦ୍ରବ୍ୟ ରିହାତି ଆଇନ୍ - ୨୦୧୬ (OMMC Rules 2016 & Amendment Rules 2017,2018) ର ପରିସର ଭୁକ୍ତ ରହିବେ ଏବଂ ତତ ସଂଲଗ୍ନ ସମସ୍ତ ସରକାରୀ ଓ ଅଦାଲତ ଆଦେଶ ମାନିବାକୁ ବାଧ୍ୟ ହେବେ । |
| ୨) | ଲିଜ ପାଇଁ ଆବେଦନ କରିବା ପୂର୍ବରୁ ଇଚ୍ଛୁକ ବ୍ୟକ୍ତି ଲଘୁ ଖଣିଜ ଗୁଡିକ ପରିଦର୍ଶନ କରି ସୈରାତ ପରିଚାଳନା ପାଇଁ ଗମନା ଗମନ ସୁବିଧା, ଗଚ୍ଛିତ ଥିବା ଖଣିଜ ପଦାର୍ଥ ଓ ଅନ୍ୟାନ୍ୟ ଆନୁସଙ୍ଗିକ ସୁବିଧା ସମ୍ପର୍କରେ ପର୍ଜବେକ୍ଷଣ କରି ଲିଜରେ ଭାଗ ନେବେ । |
| ୩) | ଲିଜ ପାଇବା ପରେ ସୈରାତ ଚଳାଇବା ପାଇଁ କୌଣସି ଅଭିଯୋଗ ଗ୍ରହଣୀୟ ହେବ ନାହି କିମ୍ବା କତୃପକ୍ଷ ଦାୟୀ ହେବେ ନାହି। |
| ୪) | ପ୍ରଚଳିତ ନିୟମାବଳୀ ଅନୁଯାୟୀ ଅତିରିକ୍ତ ଦେୟ (Additional Charge) ବାବଦକୁ ସର୍ବୋଚ୍ଚ ମୂଲ୍ୟ ଦରଜ କରିଥିବା ନିଲାମଧାରୀଙ୍କ ଦରଖାସ୍ତକୁ ଲିଜ ପ୍ରଦାନ ନିମନ୍ତେ ଚୟନ କରାଯିବ । ଯଦି ୧ ରୁ ଅଧିକ ନିଲାମଧାରୀ ସମାନ ମୂଲ୍ୟ ପ୍ରଦାନ କରିଥିବେ, ତେବେ ଲଟେରୀ (Draw of lots) ମାଧ୍ୟମରେ ଲିଜ ପ୍ରଦାନ ନିମନ୍ତେ ଚୟନ କରାଯିବ । |
| ୫) | ସ୍ଥିରୀକୃତ ହେଇଥିବା MGQ ଲଘୁ ଖଣିଜଦ୍ରବ୍ୟର ବାର୍ଷିକ ପରିମାଣ ସହିତ ଲିଜଧାରୀଙ୍କ ଦ୍ଵାରା ପ୍ରଦାନ କରାଯାଇଥିବା ସର୍ବୋଚ୍ଚ ଅତିରିକ୍ତ ଦେୟ (Additional Charge) ସହିତ ପଥର ରୟାଲଟି ନିମନ୍ତେ ଟା। ୧୩୦/- per cum ଏବଂ ବାର୍ଷିକ ଏମଜିକିଉ ପାଇଁ ଧାର୍ଯ୍ୟ DMF( Contribution payable to DMF) ଗୁଣନ କରି ସଂପୃକ୍ତ ରାଶିର ୨୫% ରୁ ପୂର୍ବରୁ ଦାଖଲ କରିଥିବା ବଇନା ରାଶି (Earnest Money) କୁ ବାଦ ଦେଇ ଏକତ୍ର କରି ଅମାନତ ରାଶି (Security Deposit) ଭାବରେ ଦାଖଲ କରିବେ । ଏହି ଅମାନତ ରାଶି ବିନା ସୁଧ (Interest Free) ରେ ରଖାଯିବ । The Selected Bidder shall be liable to deposit an amount which shall be calculated in such a way that it shall be equivalent to one-fourth of the District Mineral Foundation on the annual minimum guaranteed quantity taken together, reduce by the amount of earnest money, which along with the earnest money shall be held as interest free security deposit. |
| ୬) | ସର୍ବୋଚ୍ଚ ନିଲାମଧାରୀ ଉକ୍ତ ପାଇଁ ପୂର୍ବରୁ ପ୍ରସ୍ତୁତି ହୋଇଥିବା Mining Plan ବାବଦରେ ମୂଲ୍ୟ ପଇଠ କରିବାକୁ ହେବ । ପୁନଶ୍ଚ ନିଜ ଖର୍ଚ୍ଚରେ ନିର୍ଦ୍ଦିଷ୍ଟ ସମୟସୀମା ମଧ୍ୟରେ ପରିବେଶ ମଞ୍ଜୁରୀ (Environmental Clearance) ସଂପୃକ୍ତ ଅଧିକାରୀଙ୍କ ପାଖରୁ ହାସଲ କରିବେ । ଏହା ସହିତ ଲିଜଧାରୀ ବିଜ୍ଞାପନ ଖର୍ଚ୍ଚ ବହନ କରିବେ । |
| ୭) | ଯଦି ସର୍ବୋଚ୍ଚ Additional Charge ମୂଲ୍ୟାଙ୍କ କରିଥିବା ଆବେଦନକାରୀ ନିର୍ଦ୍ଧାରୀତ ସମୟସୀମା ମଧ୍ୟରେ ସମସ୍ତ ଦେୟ ପଇଠ ନ କରନ୍ତି ବା ଖିଲାପ କରନ୍ତି ତାହେଲେ ଦ୍ଵିତାୟ ସର୍ବାଧିକ ମୂଲ୍ୟାଙ୍କ କରିଥିବା ନିଲାମଧାରୀଙ୍କୁ ସୁଯୋଗ ଦିଆଯିବ । |
| ୮) | ଯଦି ଦ୍ଵିତୀୟ ସର୍ବୋଚ୍ଚ ଅତିରିକ୍ତ ଦେୟ ମୂଲ୍ୟାଙ୍କ କରିଥିବା ଆବେଦନକାରୀଙ୍କ ଦ୍ଵାରା ପ୍ରଦାନ କରାଯାଇଥିବା ଅର୍ଥ ରାଶି ପ୍ରଥମ ସର୍ବୋଚ୍ଚ ମୂଲ୍ୟାଙ୍କ କରିଥିବା ଆବେଦନକାରୀଙ୍କ ଅର୍ଥରାଶିଠାରୁ ଅତିକମ ହୋଇଥାଏ ତେବେ ଲିଜ ପ୍ରକ୍ରିୟାକୁ ରଦ୍ଦ କରାଯାଇ (Controlling Authority) ଙ୍କ ଅନୁମତି କ୍ରମେ ନୂତନରୂପେ ନିଲାମ କରାଯିବ । |
| ୯) | ନିଲାମ ତାରିଖ ଦିନ ଦରଖାସ୍ତକାରୀ କିମ୍ବା ତାଙ୍କର ଅଧିକୃତ ପ୍ରତିନିଧି ଅନୁପସ୍ଥିତ ରହିଲେ ତାଙ୍କର କୌଣସି ଅଭିଯୋଗ ଶୁଣାଯିବ ନାହିଁ । |
| ୧୦) | ଯଦି ଦରଖାସ୍ତକାରୀ ଧାର୍ଯ୍ୟ ମୂଲ୍ୟଠାରୁ କମ ମୂଲ୍ୟ ଉଲ୍ଲେଖ କରିଥାନ୍ତି ତଥା ବିଜ୍ଞାପନରେ ଦସ୍ତାବିଜ ଦାଖଲ କରି ନଥାନ୍ତି ତେବେ ଦରଖାସ୍ତକୁ ବିଚାରକୁ ନିଆଯିବ ନାହିଁ । |
| ୧୧) | ଲିଜଧାରୀ ପ୍ରତିବର୍ଷ ପ୍ରଚଳିତ ଆଇନ ଅନୁସାରେ ସରକାରଙ୍କ ଦ୍ଵାରା ଧାର୍ଯ୍ୟ କରାଯାଇଥିବା Surface Rent, Dead Rent ଓ Royalty ପଇଠ କରିବେ । |
| ୧୨) | ଲିଜଧାରୀ ଉପରୋକ୍ତ ଦେୟ ସହିତ District Mineral Foundation (DMF) ବାବଦକୁ ୧୦% ଏବଂ Environmental Management Fund (EMF) ବାବଦକୁ ୫% ଅର୍ଥ ରାଶି ବାର୍ଷିକ ଅଗ୍ରିମ ଆକାରରେ ପ୍ରଦାନ କରିବେ । |

| | |
|---|---|
| ୧୩) | ନିଲାମଧାରୀ OMMC Rule-2016 ରେ ନିୟମ-33 (1-29) ର ସମସ୍ତ ସର୍ତ୍ତାବଳୀ ମାନିବା ପାଇଁ ବାଧ ହେବେ । |
| ୧୪) | ନିଲାମଧାରୀ ଲଘୁ ଖଣିଜଦ୍ରବ୍ୟ କୁ କ୍ଷମତାପ୍ରାପ୍ତ ଅଧିକାରୀଙ୍କ ବିନା ଅନୁମତିରେ ରାଜ୍ୟ ବାହାରକୁ ଚାଲାଣ କରିପାରିବେ ନାହିଁ |
| ୧୫) | ନିଲାମଧାରୀ ଜମା ରୟାଲଟିର ୨% ଆୟକର ବାବଦକୁ ଟ୍ରେଜେରୀ ଚାଲାଣ ଆକାରରେ ଜମା କରିବେ । |
| ୧୬) | ନିଲାମଧାରୀ ଲଘୁ ଖଣିଜଦ୍ରବ୍ୟର ଉତ୍ତୋଳନ କୌଣସି ଯାନ୍ତ୍ରିକ ଉପାୟରେ କରିବେ ନାହିଁ ତଥା କୌଣସି ଭାରୀଯାନ ଯେପରିକି ହାଇୱା ଇତ୍ୟାଦି ବ୍ୟବହାର କରିବେ ନାହିଁ । |
| ୧୭) | ଲିଜଧାରୀ Mines Act 1952 ଏବଂ Explosives Act 1884 ର ସମସ୍ତ ନିୟମ ଓ ସର୍ତ୍ତାବଳୀ ର ଅନ୍ତର୍ଭୁକ୍ତ ରହିବେ । |
| ୧୮) | ସର୍ବୋଚ୍ଚ ନିଲାମଧାରୀ ବାଲୁକା ସୈରାତ ଉତ୍ସ ପରିଚାଳନା ନିମନ୍ତେ ଆବଶ୍ୟକୀୟ ମଞ୍ଜୁରୀ (Consent to Operate) ଓଡ଼ିଶା ପ୍ରଦୂଷଣ ବୋର୍ଡରୁ (Odisha Pollution Control Board) ନିଜ ଖର୍ଚ୍ଚରେ ପ୍ରାପ୍ତ କରିବେ । |
| ୧୯) | ସର୍ବୋଚ୍ଚ ନିଲାମଧାରୀ ସମସ୍ତ ଦେୟ ଜମା କରିବାପରେ ସେ ଫାରମ-ଏନ (Form N) ରେ ଚୁକ୍ତି ପତ୍ର ସ୍ୱାକ୍ଷର କରିବା ସହ ନିଜ ଖର୍ଚ୍ଚରେ ଏହାକୁ Registration (Registration Act. 1908 & Stamp Act 1899) ଅନୁଯାୟୀ ସମ୍ପାଦନ କରିବେ ଏବଂ ପରବର୍ତ୍ତୀ ବର୍ଷ ଗୁଡ଼ିକ ପାଇଁ ପ୍ରତ୍ୟେକ ବର୍ଷ ଜାନୁଆରୀ ମାସ ୧୫ ତାରିଖ ପୂର୍ବରୁ ଦେୟ ପଇଠ କରିବେ । |
| ୨୦) | ସୂଚନାଫଳକ ( Display Board) ତିଆରି କରି ସେଥିରେ ସୈରାତ ଉତ୍ସର ନାମ ତଥା ମଞ୍ଜୁର ହୋଇଥିବା ଆର୍ଥିକ ବର୍ଷ ଏବଂ ଅନ୍ୟାନ୍ୟ ସୂଚନା ଉଲ୍ଲେଖ କରିବେ । ଲିଜ ଧାରୀ ସୈରାତ ଉତ୍ସର ସୀମା ଚିହ୍ନକୁ ବଜାୟ ରଖିବେ ଓ ସ୍ତମ୍ଭ ନିର୍ମାଣ ମଧ କରିବେ । ଏସବୁ କାର୍ଯ୍ୟ ସମ୍ପାଦନ ପାଇଁ ଖର୍ଚ୍ଚ ଲିଜଧାରୀ ବହନ କରିବେ । |
| ୨୧) | ଉପରୋକ୍ତ ସମସ୍ତ ସର୍ତ୍ତାବଳୀ ପୂରଣ ହେଲାପରେ କାର୍ଯ୍ୟାଦେଶ ଦିଆଯିବ । କ୍ଷମତାପ୍ରାପ୍ତ ଅଧିକାରୀଙ୍କଠାରୁ କାର୍ଯ୍ୟାଦେଶ ନ ମିଳିବା ପର୍ଯ୍ୟନ୍ତ ଲିଜଧାରୀ ସୈରାତ ଉତ୍ସରୁ ଲଘୁ ଖଣିଜ ଦ୍ରବ୍ୟ ଉତ୍ତୋଳନ କରିପାରିବେ ନାହିଁ । |
| ୨୨) | କ୍ଷମତାପ୍ରାପ୍ତ ଅଧିକାରୀ କୌଣସି କାରଣ ନ ଦର୍ଶାଇ ଉପରୋକ୍ତ ଲିଜ ବାତିଲ ବା ସ୍ଥଗିତ କରି ପାରିବେ । |

ତହସିଲଦାର, କୋଇଡା
୧୯.୧୦.୨୦୨୦

ଜ୍ଞାପକ ସଂଖ୍ୟା 1751 / ତା 19.10.2020

ଏହାର ଏକକିତା ନକଲ ଜିଲ୍ଲାପାଳ, ସୁନ୍ଦରଗଡ/ ଉପ ଜିଲ୍ଲାପାଳ, ବଣାଇଁ/ ସୁନ୍ଦରଗଡ ଜିଲ୍ଲାର ସମସ୍ତ ତହସିଲ କାର୍ଯ୍ୟାଳୟ / ସମସ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀଙ୍କ କାର୍ଯ୍ୟାଳୟ/ ସମସ୍ତ ଗ୍ରାମପଞ୍ଚାୟତର ସରପଞ୍ଚ ଏବଂ ରାଜସ୍ୱ ନିରୀକ୍ଷକଙ୍କ କାର୍ଯ୍ୟାଳୟ ଏବଂ ତାଙ୍କ ନୋଟିସ ବୋର୍ଡରେ ପ୍ରକାଶନ ନିମନ୍ତେ ପ୍ରେରଣ କରାଗଲା ।

ଏହାର ଏକକିତା ନକଲ ଜିଲ୍ଲା ସୂଚନା ଅଧିକାରୀ, ସୁନ୍ଦରଗଡଙ୍କୁ ଜିଲ୍ଲା website ରେ ପ୍ରକାଶନ ନିମନ୍ତେ ପ୍ରେରଣ କରାଗଲା ।

ତହସିଲଦାର, କୋଇଡା
୧୯.୧୦.୨୦୨୦

# ଲିଜ ପାଇଁ ଉଦ୍ଦିଷ୍ଟ ସୈରାତ ଉତ୍ସର ବିସ୍ତାରିତ ବିବରଣୀ

| କ୍ରମିକ ସଂଖ୍ୟା | ମୌଜାର ନାମ | ସୈରାତ ଉତ୍ସର ନାମ ଏବଂ କେଶ ନମ୍ବର | ଖାତା ନଂ. | ପ୍ଲଟ ନଂ. | ରକବା | ଲଘୁ ଖଣିଜର ନାମ | ସର୍ବନିମ୍ନ ରୟାଲଟି ମୂଲ୍ୟ (per cum) ଟଙ୍କାରେ | ଅତିରିକ୍ତ ଦେୟ (Additional Charge per cum) ଟଙ୍କାରେ | Mining Plan ଅନୁଯାୟୀ ବାର୍ଷିକ ଧାର୍ଯ୍ୟ ବାଲି ପରିମାଣ | ଅଗ୍ରୀମ ଦାଖଲ ଅମାନତ ରାଶି (Earnest Money) ର ପରିମାଣ ଟଙ୍କାରେ |
|---|---|---|---|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ | ୮ | ୯ | ୧୦ | ୧୧ |
| ୧ | ବାଙ୍କୋ | ବାଙ୍କୋ ପଥର ଖାଦାନ କେଶ ନଂ-୦୧/୨୦୨୦ | ୪୭(ଆବାଦ ଅଯୋଗ୍ୟ ଅନାବାଦି) | ୩୪୨ | ଏ ୧୨.୦୦ଡି | ପଥର | ୧୩୦/- | ୪୦/- | ୯୦୨୪ cum | ୮୧୨୧୬./- |

ଚହସିଲଦାର, କୋଇଡା
୨୮.୧୦.୨୦୨୦